# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 08th January - 2026

************************************

*IPR*

## ପ୍ରତିଷ୍ଠା ଦିବସ

ସାମାଜିକ ସମନ୍ୱୟ, ପରିବେଶଗତ ସ୍ଥିରତା ଏବଂ ଶ୍ରମର ମର୍ଯ୍ୟାଦା ପ୍ରକୃତ ମାନବୀୟ ମୂଲ୍ୟବୋଧ ସହ ଜଡ଼ିତ ରହିଲେ ସଂସ୍କୃତିର ବିକାଶ ହୁଏ ବୋଲି ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ କହିଛନ୍ତି । ଭୁବନେଶ୍ୱର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀ ନାଇଡୁ' ଓଡ଼ିଶାର କଳା ଓ ସଂସ୍କୃତି ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଥିବା ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ଗସ୍ତ ଅବସରରେ ଶ୍ରୀ ନାଇଡୁ ଲୋକଭବନ ପରିସରରେ ଅଟଳବନକୁ ଉଦ୍‌ଘାଟନ କରିଛନ୍ତି ।

*IPR*

## ରାଜପଥ

ସମ୍ବଲପୁରରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ବିକଳ୍ପ ଜାତୀୟ ରାଜପଥ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ନୂଆଦିଲ୍ଲୀରେ ଶ୍ରୀ ଗଡ଼କରୀଙ୍କ ସହ ସାକ୍ଷାତ୍ କରି ଶ୍ରୀ ପ୍ରଧାନ ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଶିଳ୍ପ କରିଡର୍ ସହ ଯାନବାହନ ବୃଦ୍ଧି ତଥା ଭାରୀଯାନ ଚଳାଚଳକୁ ଦୃଷ୍ଟିରେ ରଖି ନୂତନ ରାଜପଥର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

***BBSR/R***

# ନିର୍ବାଚନ ସମ୍ମିଳନୀ

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀରେ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ୨୦୨୬ ମସିହାପାଇଁ ଅର୍ନ୍ତଜାତୀୟ ଆଇ.ଡି.ଆର୍. ସଦସ୍ୟ ରାଷ୍ଟ୍ର ପରିଷଦର ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟସୂଚୀ ଆରମ୍ଭ କରିବେ । ସମ୍ମିଳନୀଟି 'ଅନ୍ତର୍ଭୁକ୍ତୀକରଣ, ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ବିଶ୍ୱପାଇଁ ଗଣତନ୍ତ୍ରର ଆବଶ୍ୟକତା' ବିଷୟବସ୍ତୁ ଉପରେ ଆଧାରିତ ହେବ ।

*IPR*

# କେଳୁଚରଣ ଜନ୍ମ ଶତବାର୍ଷିକୀ

ରାଜ୍ୟରେ କିମ୍ବଦନ୍ତୀ ଓଡ଼ିଶୀ ନୃତ୍ୟଗୁରୁ ଡକ୍ଟର କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଆଜି ପାଳନ କରାଯିବ । ଭୁବନେଶ୍ୱର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏହି ଅବସରରେ ଗୁରୁଜୀଙ୍କ ଜୀବନୀକୁ ନେଇ ଏକ ପଟୋଚିତ୍ର ପ୍ରଦର୍ଶନୀ ସହ କ୍ଷୁଦ୍ର ଚଳଚ୍ଚିତ୍ରର ଲୋକାର୍ପଣ କରାଯିବ ।

*Bhadrak/R*

# ଅର୍ଥ କମିଶନ ଅଧ୍ୟକ୍ଷ

ରାଜ୍ୟର ଷଷ୍ଠ ଅର୍ଥ କମିଶନ୍‌ର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ସମେତ ଏକ ପାଞ୍ଚଜଣିଆ ଦଳ ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି । ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଅର୍ଥ ବଣ୍ଟନ, ଖର୍ଚ୍ଚ, ଆୟ ବୃଦ୍ଧି ଏବଂ ସଠିକ୍ ସମୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ଶେଷ କରିବାପାଇଁ କମିଶନ୍ ପରାମର୍ଶ ଦେଇଛନ୍ତି ।

*Nayagarh/R*

# ରଣପୁର ମହୋତ୍ସବ

ନୟାଗଡ଼ ଜିଲ୍ଲା ରଣପୁର ସହରର ବାଘସାମନ୍ତ ପଡ଼ିଆରେ ରଣପୁର ମହୋତ୍ସବ 'ଅର୍ଜୁନ'ର ତୃତୀୟ ସନ୍ଧ୍ୟାରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରଣପୁରକୁ ବୀରଭୂମି, ସଂଗ୍ରାମୀ ଏବଂ ଐତିହାସିକ ସ୍ଥାନ ଭାବେ ଅଭିହିତ କରିଥିଲେ ।

*Sambalpur/R*

# ଯୁବ ମହୋତ୍ସବ

ସମ୍ବଲପୁରର ଅଇଁଠାପାଲି ପି.ଏଚ୍.ଡି. ପଡ଼ିଆଠାରେ ଦୁଇଦିନିଆ ଯୁବ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ ଏଥିରେ ଯୋଗଦେଇ କହିଛନ୍ତି, ସମ୍ବଲପୁରୀ କୋଶଲୀ ଭାଷା, ସାହିତ୍ୟ ଓ ସଂସ୍କୃତିର ଭିନ୍ନ ପରିଚୟ ରହିଛି । ଏହି କଳାର ଉତ୍‌ଥାନ ପାଇଁ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

*BBSR/R*

# ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାତ୍ମାଗାନ୍ଧି ମାର୍ଗରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

*Desk*

# କୁମ୍ଭୀର ଗଣନା

କେନ୍ଦ୍ରାପଡ଼ା ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ କୁମ୍ଭୀର ଗଣନା ଆରମ୍ଭ ହେଉଛି । ଗଣନା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି।

*Baragarh, Sonepur, Nabaranpur,*
*Kalahandi, Nuapada/R*

# ସଂକ୍ଷିପ୍ତ

ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ନେଇ ସଂସଦୀୟ ନିର୍ବାଚନ ମଣ୍ଡଳି ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ, ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଲାଗୁକରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

ନୂଆପଡ଼ା ଜିଲ୍ଲାରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ରାଜସ୍ୱ ମିତ୍ର ପୁରସ୍କାର ଘୋଷଣା କରିଥିଲେ ।

ସୁବର୍ଣ୍ଣପୁରଠାରେ ମହିମା ଲୋକୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଭିନ୍ନ କଳାକାର ଲୋକନୃତ୍ୟ ଓ ଗୀତ ପରିବେଷଣ କରିବା ସହ ପଲ୍ଲିଶ୍ରୀ, କୃଷି ଯନ୍ତ୍ରପାତି ଓ ଖାଦ୍ୟମେଳା ଆୟୋଜିତ ହୋଇଛି ।

ନବରଙ୍ଗପୁର ଓ ଭବାନୀପାଟଣାଠାରେ ଅଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି ।

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ନବରଙ୍ଗପୁର କଲେଜର ୬ ଜଣ ଛାତ୍ର ମନୋନୀତ ହୋଇଛନ୍ତି ।

***Desk***

# ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଇବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳଠାରେ ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ଼ ହୋଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ସେହିଭଳି ଫୁଲବାଣୀ ଓ ରାଉରକେଲାଠାରେ ତାପମାତ୍ରା ୫ ଡିଗ୍ରୀ ଏବଂ ୫ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

***IPR***

# ତୀରନ୍ଦାଜ

ଝାଡ଼ଖଣ୍ଡର ରାଞ୍ଚିଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ୪ଟି ସ୍ୱର୍ଣ୍ଣପଦକ ହାସଲ କରିଛି । ଏଥିରେ ରାଜ୍ୟରୁ ୧୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

*****